ନାଲୁର ଚନ୍ଦ୍ରଯାତ୍ରା

ଫତୁରାନନ୍ଦ

Digitized by srujanika@gmail.com

ନାନୁର ଚନ୍ଦ୍ରଯାତ୍ରା

ଫତୁରାନନ୍ଦ

କଟକ ଲେଖକ ସହଯୋଗ ସମିତି ଲି:
ପିଠାପୁର, କଟକ-୧

Digitized by srujanika@gmail.com

ନାଲୁର ଚନ୍ଦ୍ରଯାତ୍ରା
ଶିଶୁ ସାହିତ୍ୟ

ଲେଖକ :
ଫତୁରାନନ୍ଦ

ପ୍ରକାଶକ :
କଟକ ଲେଖକ ସହଯୋଗ ସମିତି ଲିଃ
ପିଠାପୁର, କଟକ-୧

ପ୍ରଥମ ପ୍ରକାଶ :
୧୫ ମଇ ୧୯୯୧

ପ୍ରଚ୍ଛଦ :
ମନୋଜ ଦାସ

ମୁଦ୍ରଣ :
ଲିପିକାର
ଝାଞ୍ଜିରିମଙ୍ଗଳା, କଟକ-୯

ମୂଲ୍ୟ : **ଟ ୭-୦୦**

Digitized by srujanika@gmail.com

ନାଲୁର ଚନ୍ଦ୍ର ଯାତ୍ରା

ନାଲୁ ତା'ର ପଢ଼ାଘରେ ବସି ଇତିହାସ ପାଠ ଘୋଷି-ଚାଲିଥିଲା । ଘୋଷି ଘୋଷି ତା' ମନଟା ଚଟା ଧରିଗଲା । ବହିଖଣ୍ଡ ବୁଜିଦେଇ ଟିକିଏ ଦମ୍ ନେଲା । ଚଟା ଧରିଥିବା ମନଟାକୁ ଆଉ କିଛି ଗୋଟାଏ ଛବିଭରା ବହିରେ ଲଗାଇଦେବାକୁ ତା'ର ଭାରି ଇଚ୍ଛା ହେଲା । ଏଣେତେଣେ ଖୋଜୁ ଖୋଜୁ ଗୋଟାଏ ଖୁବ୍ ବଢ଼ିଆ ବହି ତାକୁ ମିଳିଗଲା । ବହିରେ ଛବି ଭରପୂର । ତହିଁରେ ଛପା ପୁଣି ଏଡ଼େ ଭଲ ଯେ ଚୁମ୍ବକ ଲୁହାକୁ ଟାଣିଲା ପରି ପିଲାଙ୍କ ମନକୁ ଟାଣି ନେଇଯାଉଥାଏ । ନାଲୁ ଦେଖିଲା ବହିର ନାଁ ଲେଖା-ହୋଇଛି 'ମଣିଷ ଦ୍ୱାରା ଚନ୍ଦ୍ର ବିଜୟ' । ସେହି ବହିଟାକୁ ଧରି ସେ ଗୋଟି ଗୋଟି କରି ଛବି ଦେଖିବାକୁ ଲାଗିଲା ।

ଏହି ସମୟରେ ଘରଭିତରକୁ ତା'ର ବାପା ପଶି ଆସିଲେ । ସେ କପରି ସେ ବହିଟା ଲୁଚାଇଦେଇ ପୁଣି ଇତିହାସ ବହି ପଢ଼ିବା ତାହାର ଚେଷ୍ଟା କରୁ କରୁ ବିଚରା ଧରା ପଡ଼ିଗଲା । ବାପା ତାକୁ ପଚାରିଲେ, "କିରେ, କି ବହି ପଢ଼ୁଥିଲୁ କିରେ ?"

ସେତିକିରେ ସେ ଚୁପ୍ ହୋଇ ରହିଲେ ନାହିଁ; ତା' ହାତର ବହି ଖଣ୍ଡକୁ ଛଡ଼େଇ ନେଇ ଦେଖିଲେ ସେଇଟା ଦିନେ ଦୁଇଦିନ ତଳେ ତାଙ୍କର ଦ୍ୱାରା କିଣା ହୋଇଥିବା ବହିଟା । ବାପା ବୋଧହୁଏ ବିରକ୍ତ ହେବେ ଭାବି ନାଲୁ କହିଲା, "ନାହିଁ ବାପା;

Digitized by srujanika@gmail.com

ମୁଁ ତାକୁ ପଢୁନଥିଲି । ଏଇଟା ତଳେ ପଡ଼ିଯାଇଥିଲା; ମୁଁ ତାକୁ ଗୋଟେଇ ନେଇ ସଜାଡ଼ି ରଖିଦେଉଥିଲି । ମୁଁ ଇତିହାସ ବହି ମନଦେଇ ପଢୁଥିଲି ।”

ବାପା ଟିକିଏ ହସିଦେଇ କହିଲେ, “ଏମିତି ହିଡ଼ବିଡ଼େଇ ଯାଉଚୁ କାହିଁକି ? ବହିଟା ତ ମୁଁ ତୋ'ର ପାଇଁ କିଣିଥିଲି, ମନ ଚଟା ଧରିଲେ ସେଇ ବହି ତୁ ପଢ଼ିବୁ ବୋଲି । ରାତିଖିଆ ତ ଖାଇ ସାରିଛୁ । ଏବେ ଅଧଘଣ୍ଟାଏ ସେହି ବହିଟି ପଢ଼ି ଶୋଇ-ପଡ଼ିବୁ । ବେଶି ସମୟ ରାତିରେ ଚେଇଁ ରହିବୁ ନାହିଁ । ହଉ ପଢ଼, ମୁଁ ଯାଉଛି ।

ବହିଟି ଏତେ ବଢ଼ିଆ ଥିଲା ଯେ, ନାଲୁ ପ୍ରାୟ ରାତି ଦଶଟା-ଯାଏ ପଢ଼ିଗଲା । ବହିକୁ ଛାଡ଼ିବାକୁ ଇଚ୍ଛା ହେଉନଥାଏ । ହେଲେ,



ଆଖିପତାଗୁଡ଼ିକ କ୍ରମେ ନଇଁ ଆସିଲା । ବହିଟିକୁ ସେ ହାତରେ ଧରି ଧୀରେ ଧୀରେ ଖଟ ଉପରେ ଗଡ଼ିଗଲା । ତା' ମନଟି କିନ୍ତୁ

Digitized by srujanika@gmail.com

ତା' ଦେହ ଓ ସେ ଘରବାଡ଼ି ଏକ ଅଜଣା ରାଇଜରେ ବୁଲିବାକୁ ଲାଗିଲା । ତା' ମନଟା ଖାଲି ଟାଉଟାଉ ହେଉଥାଏ, ସେ ନିଜେ କିପରି ଚନ୍ଦ୍ର ରାଇଜକୁ ଯାଇଁ ବୁଲି ଆସନ୍ତା । କାହାର ସାହାଯ୍ୟ ନେଲେ ସେ କିପରି ସୁରୁଖୁରୁରେ ସେଠାକୁ ଯାଇ ଫେରିଆସନ୍ତା । ସେଇ କଥା ଭାବିବାକୁ ଲାଗିଲା । ମନ ଥିଲେ ଉପାୟ ଦେଖା-ଯାଏ । ସେ ଠିକ୍ କଲା ସେ ସିନା ହାଓ୍ବେଲି ଯାନରେ ଯାଇ-ପାରିବ ନାହିଁ; କିନ୍ତୁ ମୁନି-ଋଷିମାନଙ୍କ ସାହାଯ୍ୟରେ ସେଠାକୁ ଯିବାରେ ତାକୁ ବାରଣ କରିବ କିଏ ? ଦେବତା ଓ ଋଷିମାନେ ସବୁବେଳେ ଚଉଦ ବ୍ରହ୍ମାଣ୍ଡ ଖେଳୁଛନ୍ତି । ଏଇକ୍ଷଣି ଏଠି ତ ଟିକିଏ ପରେ ସେମାନେ ଶୂନ୍ୟେ ଶୂନ୍ୟେ ସୁଁ କରି ଉଡ଼ିଯାଇ ଇଚ୍ଛା କରୁଥିବା ଥାନରେ ଯାଇ ପହଞ୍ଚିଯାଆନ୍ତି ଓ ନିଜ କାମ ସାରି ଆପଣା ଜାଗାକୁ ଫେରିଆସନ୍ତି । ଦେବତା ଓ ମୁନି-ଋଷି-

ମାନେ ପିଲାମାନଙ୍କୁ ଖୁବ୍ ସ୍ନେହ କରନ୍ତି ଓ ଅସୁବିଧାବେଳେ

Digitized by srujanika@gmail.com

ସେମାନଙ୍କୁ ପ୍ରଚୁର ସାହାଯ୍ୟ କରନ୍ତି । ସେମାନଙ୍କର ରହିବା ଓ ବୁଲାଚଲା କରିବା ସ୍ଥାନ ହେଲା ହିମାଳୟ ପର୍ବତ । ସେଇଠାକୁ ଗଲେ ଅଲବତ୍ ଜଣେ ଦେବତା ବା ଋଷିଙ୍କର ଦର୍ଶନ ମିଳିବ ।

ନାଲୁ ଆଉ ବିଳମ୍ବ ନ କରି ହିମାଳୟ ଆଡ଼େ ଧାଇଁ ବାକୁ ଲାଗିଲା । ବହୁତ ବାଟ ଯିବାପରେ ଆଗରେ ହିମାଳୟ ପର୍ବତ ଦେଖାଗଲା । ହେଲେ ଆଗରେ ଗୋଟାଏ ବଡ଼ ନଈ ତାକୁ ପାରି ନହେଲେ ହିମାଳୟ ଯିବ କିପରି ? ଡଙ୍ଗା ତ ଦେଖାନାହିଁ ; ଓଲଟି ଗୋଟାଏ କୁମ୍ଭୀର ସେଇ ପାଣିରେ ନଙ୍ଗରପଙ୍ଗର ହେଉଥାଏ । ନଈ ପାରହେବାର ଉପାୟଟା ତାକୁ ପଟ୍ କରି ଦେଖାଗଲା । ପାଖରେ ଥିବା ବାଉଁଶବୁଦା ମୂଳରେ ଗୋଟାଏ ସରୁ ବାଉଁଶ କଟାହୋଇ ପଡ଼ିଥିଲା । ବଡ଼ ବଡ଼ ପାହାଡ଼ିଆ ମୂଷା-

ଗୁଡ଼ାକ ସେଠି ସାଲୁସାଲୁ ହେଉଥିଲେ । ସେଇ ବାଉଁଶ ଖଣ୍ଡିକରେ ନାଲୁ ଗୋଟାଏ ବଡ଼ ପାହାଡ଼ିଆ ମୂଷାକୁ ପିଟି ମାରି-ଦେଲା । ତାକୁ ଗୋଟାଏ ଲଇରେ ବାଉଁଶ ଅଗରେ ବାନ୍ଧି

Digitized by srujanika@gmail.com

କୁମ୍ଭୀରକୁ ଦେଖେଇଲା । କୁମ୍ଭୀର ମୂଷା ଖାଇବା ଲୋଭରେ ତା'ର ଆଡ଼କୁ ପହଁର ଚାଲିଆସିଲା । ନଈ ଧାର କଡ଼େ କ ମୂଷା ବନ୍ଧା ବାଉଁଶଟିକୁ ବାଁ ଆଡ଼କୁ ବୁଲେଇଦେଲା । କୁମ୍ଭୀରର ନଜର ରହିଛି ମୂଷା ଉପରେ । ନଈ ଧାରେ ଧାରେ ସେ ମୂଷା ପାଖକୁ ଧାଇଁଲା । ମଉକା ଦେଖି ନାଲୁ କୁମ୍ଭୀର ପିଠି ଉପରକୁ ଡେଇଁପଡ଼ିଲା ଓ ମୂଷାଟାକୁ ଆର ଧାର ଆଡ଼କୁ ମୁହାଁଇ ଦେଲା । କୁମ୍ଭୀର ମୂଷା ଆଡ଼େ ଯେତିକି ଆଗଉଥାଏ, ବାଉଁଶରେ ବନ୍ଧା ମୂଷାଟା ମଧ୍ୟ ସେତିକି ଆଗଉଥାଏ, କୁମ୍ଭୀର ତାକୁ ଧରିବ ବୋଲି ଖୁବ୍ ଜୋର୍‌ରେ ଧାଇଁଲା । ସେ କୂଳରେ ପହଞ୍ଚିବା-ମାତ୍ରେ ନାଲୁ ଡାହାଣ ଆଡ଼କୁ ବାଉଁଶ ବୁଲେଇଲା । ନଈ ଧାରେ ଧାରେ କୁମ୍ଭୀର ସେହିପରି ମୂଷା ଲୋଭରେ ଧାଇଁବାକୁ

ଲାଗିଲା । ନାଲୁ ମୂଷା ସହ ବାଉଁଶଟିକୁ ନଈ ଭିତରକୁ ଫିଙ୍ଗି ଦେଇ କୂଳକୁ ଡେଇଁପଡ଼ିଲା । କୁମ୍ଭୀର ନଈ ଭିତରକୁ ଯାଇ

Digitized by srujanika@gmail.com

ଖପ୍‌କରି ମୂଷାଟିକୁ ପାଟିରେ ଧରିପକାଇଲା । ନାଲୁ ହସି ହସି କହିଲା, "ହଉ ଯା, ମୋତେ ନଈ ପାର କରିବା ମୂଲ ସ୍ୱରୂପ ସେଇ ମୂଷାକୁ ଖାଆ । ନାଉରିଆ ହୋଇଥିଲେ ଅବଶ୍ୟ କିଛି ପଇସା ମହାସୁଲ ସ୍ୱରୂପ ନେଇଥାନ୍ତା । ସେଇ ମୂଷାଟା ତୋର ମାହାସୁଲ ।"

କାଳ ବିଳମ୍ବ ନକରି ନାଲୁ ହିମାଳୟ ଉପରେ ଚଢ଼ିବାକୁ ଲାଗିଲା, ବଣୁଆ ଅଞ୍ଚଳ କ୍ରମେ କ୍ରମେ କମିଯାଇ ବରଫ ଅଞ୍ଚଳ ପଡ଼ିଲା । ପାହାଡ଼ଟା ବରଫରେ ପୋତି ହୋଇଥିବା ପରି ଧଳା ଦିଶୁଥାଏ । ବହୁ ଦୂରରେ ସେ ଦେଖିଲା ଗୋଟାଏ ବଡ଼ ଗରିଲା ଭଳିଆ ମଣିଷ ଆଗରେ ବୁଲୁଛି । ସେଇଟା ତୁଷାରମାନବ ବା ୟେତି ବୋଲି ସେ ଚିହ୍ନିପାରିଲା । ତା'ର ମୁଣ୍ଡଟା ଗୋଟାଏ ଖୁବ୍ ବଡ଼ ଓଳିଆ ଠାରୁ ଆହୁରି ବଡ଼ ଥିଲା । ହାତୀ କାନପରି ଦୁଇଟା ବଡ଼ ବଡ଼ କାନ, କପାଳରେ ଗୋଟାଏ ଆଖି । ତାକୁ ଦେଖି

Digitized by srujanika@gmail.com

ନାଲୁର ଭୟ ହେଲା । ସେ କିପରି ଲୁଚିବ ସେଥିଲାଗି ଚାରି-
ଆଡ଼କୁ ଚାହିଁ ଚାହିଁ ତା' ଆଗରେ ଗୋଟାଏ ଛୋଟ ଗୁହା

ଦେଖାଗଲା । ନାଲୁକୁ ଧରିବ ବୋଲି ତୁଷାରମାନବଟା ତା'ରି

ଆଡ଼କୁ ଖେପି ଆସିଲା । ନାଲୁ ଚଟାପଟ୍ ସେହି ଗୁହା ଭିତକୁର

Digitized by srujanika@gmail.com

ପଶିଗଲା । ତୁଷାରମାନବଟା ସେ ଗୁହା ଭିତରକୁ ଗୃନ୍ଧିବାଲାଗି ଭୂଇଁରେ ଏକାବେଳକେ ପେଟେଇ ପଡ଼ିଲା । ମୁଣ୍ଡଟା କିନ୍ତୁ ତା'ର ଏତେ ବଡ଼ ଥିଲା ଯେ ଓ ଆଖିଟା ଏତେ ଉପରକୁ ଥିଲା ଯେ, ଗୁହା ଭିତରକୁ ସେ ଦେଖିପାରିଲା ନାହିଁ । ତେଣୁ ସେ ଶବ୍ଦ କିଛି ହେଉଛି କି ନା ତାହା ଜାଣିବାଲାଗି କାନଟା ଗୁହା କଡ଼ରେ ଲଗାଇଦେଲା । ନାଲୁ ଡରିଲା ନାହିଁ, ସେ ଠିକ୍

ଭାବରେ ଜାଣିଗଲା ଯେ, ତା'ର କୌଣସି ଅଙ୍ଗପ୍ରତ୍ୟଙ୍ଗ ସେ ଗୁହା ଭିତରେ ପଶି ପାରିବ ନାହିଁ । ନାଲୁ କେବଳ ତା' କାନ ଭିତରେ ଆଉ ଗୋଟାଏ ଗୁହା ଦେଖିଲା । ସେ ଗୁହାର ଗୋଟାଏ ପାଖରେ ପର୍ବତିଆ ଜନ୍ଦାଗୁଡ଼ାଏ ଧାଡ଼ିବାନ୍ଧି ଏପାଖ ସେପାଖ ହେଉଥିଲେ । ସେଇଥିରୁ ନାଲୁ ଗୋଟାଏ ମୌକାରେ ବୁଢ଼ା ଜନ୍ଦାକୁ ଦୁଇ ଟିପରେ ଧରି ଉଠାଇ ଆଣିଲା । ତାକୁ ସେଇ ଦୈତ୍ୟର କାନଗୁହା ଭିତରକୁ ଫୋପାଡ଼ିଦେଲା । ଦୈତ୍ୟ ମୁଣ୍ଡଟାକୁ

Digitized by srujanika@gmail.com

ଝାଡ଼ିଲା, କାନ ଭିତରକୁ ଆଙ୍ଗୁଠିଟା ଗଳାଇବାକୁ ଚେଷ୍ଟା କଲା । ହେଲେ କାନ ଭିତରକୁ ଆଙ୍ଗୁଠିଟା ଯାଇପାରିଲା ନାହିଁ । ଟିକକପରେ ଦୈତ୍ୟ ମୁଣ୍ଡ ଝାଡ଼ି ଝାଡ଼ି ଗୋଟାଏ ବିକଟ ଗର୍ଜନ

କଲା । ହାତୀର ରଡ଼ିକୁ ବୁଡ଼ାଇ ଦେବା ଭଳି ତୁହାକୁ ତୁହା ରଡ଼ି କରିବାକୁ ଲାଗିଲା ଓ ସେ ଥାନରେ ଯନ୍ତ୍ରଣାରେ ଛଟପଟ ହେଲା । ତା' ହାତ-ଗୋଡ଼ ବାଡ଼ିଆରେ ସେ ଆବଡ଼ାଖାବଡ଼ା ଥାନଟା ସମତୁଲ ହୋଇଗଲା । ତା'ର ଚିତ୍କାର ଶୁଣି ଆଉ ଦୁଇ-ତିନଟା ଦୈତ୍ୟ ସେଠିକି ଧାଇଁ ଆସିଲେ ଓ ତାକୁ ସାଷ୍ଟମ କରିବାକୁ ଲାଗିଲେ । ପୂର୍ବ ଦୈତ୍ୟଟି ନାନା ପ୍ରକାର ବିକଟ ଚିତ୍କାର କରି ଗୁହା ଆଡ଼କୁ ଆଙ୍ଗୁଠିଟା ଦେଖାଇଦେଲା । ଆଉ ଏକ ଦୈତ୍ୟ ପୂର୍ବପରି ଗୁହା ଭିତରକୁ ଦେଖି ନପାରି ଗୁହା ମୁହଁରେ କାନ ଡେରିଲା । ନାଲୁ ମଧ୍ୟ ଆଉ ଗୋଟିଏ ପର୍ବତଆ ଜନ୍ଦା ତା' କାନ ଭିତରକୁ ଛାଡ଼ିଲା । ତା'ର ମଧ୍ୟ ଛଟପଟ ଆରମ୍ଭ ହୋଇଗଲା । ଆଉ ଗୋଟାଏ ଦୈତ୍ୟ ଆସି ମଧ୍ୟ ସେଇ ଦଶା ହେଗିଲା ।

Digitized by srujanika@gmail.com

ଡନଙ୍କର ବିକଟ ଚିତ୍କାର ସେ ଜାଗାରେ ପ୍ରଳୟଙ୍କର ଗର୍ଜନ ସୃଷ୍ଟି କଲା । ସେ ଗୁହା ପାଖକୁ ଭୟରେ ଆଉ ସେମାନେ ଆସିଲେ

ନାହିଁ ! ସମସ୍ତେ ଚଢ଼ କର କରି ସେ ସ୍ଥାନ ଛାଡ଼ି ପଳେଇଲେ ।



ତାଙ୍କ ଗର୍ଜନ ପାହାଡ଼କୁ ଥରେଇ ଦେଉଥାଏ । ସେଇ ଗର୍ଜନ

Digitized by srujanika@gmail.com

ଧୀରେ ଧୀରେ ଦୂରରେ ମିଳେଇଗଲା । ନାଲୁର ମନ ଖୁସି ହୋଇଗଲା ।

ବାହାରକୁ ଚାହିଁବାକୁ ନାଲୁର ସାହସ ହେଉନଥାଏ । କିଛି ସମୟ ଅପେକ୍ଷା କରିସାରିବା ପରେ ସେ ବହୁତ ସାହସ ସଞ୍ଚୟ କରି ଗୁହା ଭିତରୁ ମୁଣ୍ଡ ଟିକିଏ କାଢ଼ି ଦୂରକୁ ଚାହିଁଲା । ଯେତିକିଦୂର ଚକ୍ଷୁ ଯାଏ କିଛି ହିଁ ନଥାଏ । ସେଠି ପାହାଡ଼ିଆ ଅବଡ଼ା-ଖାବଡ଼ା ରାସ୍ତା ପରିବର୍ତ୍ତେ ଗୋଟାଏ ରେଳର ଗଡ଼ା ରେଖି ରାସ୍ତା-ଟାଏ ଦୂରକୁ ଲମ୍ବି ଯାଇଥାଏ । ନାଲୁ ଭାବିଲା ଯେତିକିଙ୍କର ଗୋଟାଏ ଦଳ ବୋଧହୁଏ ଆସିଥିଲେ । ତା’ ମନରେ ଦମ୍ଭ ଆସିଲା, ସେ ଭାବିଲା—ସେମାନେ ଜୀବନ ଥିବାଯାଏ ଆଉ ଏଠାକୁ ଆସିବେ ନାହିଁ । ଘଣ୍ଟାଏ ଖଣ୍ଡେ ଡେରି କରି ସେ ଗୁହାରୁ ବାହାରିବ ବୋଲି ସ୍ଥିର କଲା । ଗୁହା ଭିତରେ କଅଣ ଅଛି ଦେଖିବା ଲାଗି ସେ ଗୁରୁଣ୍ଡି ଗୁରୁଣ୍ଡି ଭିତରକୁ ପଶିଲା । ଗୁହାର ଭିତର ଦେଖି ସେ ଠଉରେଇ ନେଲା ଯେ, ଏ ଗୁହାଟା ମଣିଷ ହାତ ତିଆରି । ଛାତରୁ ମୁନିଆ ପଥରମାନ ତଳକୁ ଲମ୍ବି-ଆସିଥାଏ । ଅସାବଧାନତାରେ ଟିକିଏ ଚଞ୍ଚଳ ଆଗେଇଲେ ମୁନରେ ମୁଣ୍ଡ କଣା ହୋଇଯିବ, ଖୁବ୍ କଷ୍ଟରେ କିଛିବାଟ ପେଟେଇ ପେଟେଇ ଗଲାପରେ ପଥରର ଦାନ୍ତଗୁଡ଼ାକ କମିଗଲା । ସେ ଗୁରୁଣ୍ଡି କରି ଆଗେଇ ପାରିଲା; କ୍ରମେ ମୁଣ୍ଡ ନୁଆଁଇ ଚାଲିପାରିଲା । ସେ ଗୁହା ଭିତରୁ ଗୋଟାଏ ସୁବାସ ବାହାରିଲା । ବହୁତ ଭିତରେ ମଣିଷ ନିଶ୍ଚୟ ଅଛନ୍ତି ବୋଲି ମନେକରି ସେ ଆଗେଇଲା ।

Digitized by srujanika@gmail.com

କ୍ରମେ ସେ ଗୁହା ଭିତରଆଡ଼କୁ ଗୋଟିଏ ପ୍ରଶସ୍ତ କୋଠରି ଦେଖାଗଲା । ଆଗରେ ସେ କୋଠରି ଭିତରେ ଗୋଟିଏ ଚିକ୍କଣ ପଥରର ଆସନ ଉପରେ ଜଣେ ଋଷି ଧ୍ୟାନ-ମଗ୍ନ ହୋଇ ବସିଥିବା ସେ ଦେଖିଲା । ଆନନ୍ଦରେ ତା' ରୁମ ଟାଙ୍କୁରି ଉଠିଲା । ତା' ଇଚ୍ଛା ଯେ ସଫଳ ହେବ, ତାହା ସେ ଅନୁମାନ କରିନେଲା । ଅତି ଭକ୍ତିର ସହ ସେ ଲମ୍ବହୋଇ ଋଷିଙ୍କ ଗୋଡ଼ତଳେ ପଡିଗଲା ଓ ଧୀରେ ଧୀରେ 'ଦୟାକର ବାବା, ଦୟାକର ବାବା' ବୋଲି ପ୍ରାର୍ଥନା କଲା ।

କିଛି ସମୟପରେ ଋଷିଙ୍କର ଧ୍ୟାନ ଭାଙ୍ଗିଲା । ସେ କଅଁଳ ସ୍ୱରରେ କହିଲେ—"ଆରେ ବେଟା ତୋର କୋଟି ପରମାୟୁ ହେଉ । ତୁ ଯେଉଁଥି ପାଇଁ ଆସିଛୁ, ମୁଁ ଧ୍ୟାନରେ ତାହା ଜାଣି ସାରିଲିଣି । ତୁ ଯେଉଁ କାମ କରି ବଦ୍‌ମାସ ଧ୍ୟୁତମାନଙ୍କୁ ଏଠାରୁ ଦୂରକୁ ଘଉଡ଼ି ଦେଲୁ ତାହା ମୁଁ ଜାଣିସାରିଛି । ବେଳେ-ବେଳେ ସେଗୁଡ଼ାକ ଆମକୁ ଭାରି ହଇରାଣ କରୁଥିଲେ । ଆମ

Digitized by srujanika@gmail.com

ଚଳପ୍ରଚଳରେ ଘୋର ବାଧା ସୃଷ୍ଟି କରୁଥିଲେ । ତୋହର ବାହା-
ଦୂରୀ ଯୋଗୁ ଏଠାରୁ ସେ ଭୟ ସବୁଦିନ ପାଇଁ ଦୂର ହୋଇ-

ଗଲା । ସେ ପ୍ରେତଗୁଡ଼ାକ ଯନ୍ତ୍ରଣା କମିବାଯାଏ ଧାଇଁ ପଳାଇଛନ୍ତି । ଅନ୍ୟ ପ୍ରେତମାନଙ୍କୁ ମଧ୍ୟ ବାଟରୁ ଡାକିନେଇ ଦୂରକୁ ପଳାଇଛନ୍ତି । ଆମ ଏ ଅଞ୍ଚଳଟା ପ୍ରେତ ଶୂନ୍ୟ ହୋଇଗଲା । ହଉ ଏବେ ତୁ ସାଷ୍ଟମ ହୋଇ ବସ । ଏପାଖେ ଯେଉଁ ଆଡ଼ୁ ଆଲୁଅ ଆସୁଚି ସେଆଡ଼େ ଗୋଟାଏ ଚୋର୍‌ବାଟ ଅଛି । ମୋର ଆଉ ଜଣେ ଚେଲା ଅଛି । ସେ ଫଳମୂଳ ଆଣିବାକୁ ଯାଇଛି—ଶୀଘ୍ର ଆସି ପହଞ୍ଚିଯିବ । ତାହା ଖାଇ ତୁ ବେଶ୍ ଆରାମ ବୋଧ କରିବୁ ।"

ସତକୁ ସତ ଜଣେ ଭେଣ୍ଡିଆ ବାବାଜୀ ଫଳମୂଳର ଗୋଟିଏ ଟୋକେଇ ଧରି ସେଇ କୋଠରି ଭିତରକୁ ପଶିଲେ । ନାଲୁ ସଙ୍ଗେ ସଙ୍ଗେ ତାଙ୍କର ଗୋଡ଼ତଳେ ପଡ଼ି ପାଦଧୂଳି

Digitized by srujanika@gmail.com

ମୁଣ୍ଡରେ ମାରିଲା । ବୁଢ଼ା ଋଷି ନାଲୁର ପରିଚୟ କରାଇଦେଇ କହିଲେ—"ଏହି ପୁଅଟି ତା' ବୁଦ୍ଧି ବଳରେ ଏଠାରୁ ପ୍ରେତ-ମାନଙ୍କୁ ବହୁତ ଦୂରକୁ ଘଉଡ଼େଇ ଦେଇଛି । ପର୍ବତର ଏ ଅଞ୍ଚଳଟି ପ୍ରେତଶୂନ୍ୟ ହୋଇଯାଇଛି । ଏଥରକ ଆମେ ଏଠାରେ ନିର୍ଭୟରେ ଚାଲବୁଲ କରିପାରିବା, ତୁ ମଧ୍ୟ ନିର୍ଭୟରେ ଦୂର-ଦୂରାନ୍ତରକୁ ଯାଇଁ ଫଳମୂଳ ସଂଗ୍ରହ କରି ଆଣି ।ରିବୁ ।" ଚେଲା ନାମ ପଚାରିବାରୁ ନାଲୁ ନିଜ ନାଁ କହିଲା ।

ଋଷିଙ୍କ ଆଦେଶରେ ଚେଲା ନାଲୁକୁ ଫଳମୂଳ ଖାଇବାକୁ ଦେଲେ । ସେସବୁ କି ଫଳ ତାହା ନାଲୁ ଜାଣିନଥିଲା, ହେଲେ ତାହାର ସ୍ୱାଦରେ ସେ ମଜଗୁଲ୍ ହୋଇଗଲା । ପରଦିନ ସେ ଚେଲାଙ୍କ ସାଙ୍ଗରେ ଫଳମୂଳ ଆଣିବାକୁ ଗଲା । ବଣକୁ ଯାଇ ସେ ଦେଖିଲା ମିଠା ମିଠା ନାନା ରଙ୍ଗ ଫଳରେ ଗଛ ସବୁ ଲୋଟି-ଯାଉଛନ୍ତି । ଲୋଭରେ ସେ ଦରକାରଠାରୁ ବେଶି ଫଳ ତୋଳି ପକାଇଲା, ଏପରି ନକରିବାକୁ ଚେଲା ତାକୁ ଆକଟି କହିଲେ, "ଯେତିକି ଦରକାର ତହିଁରୁ ବେଶି ତୋଳିବା ଅନ୍ୟାୟ । ଲୋଭରେ ତୋଳି ପକାଇ ବେଶିଗୁଡ଼ାଏ ଖାଇବା ଏକ ଅଧର୍ମ କାମ । ଦରକାରଠାରୁ ଅଧିକ ଖାଇବା ଅର୍ଥ ଦାତା ଗଛ ପ୍ରତି ଏକ ଅବିଚାର । ଗାଁଗଣ୍ଡାରେ ତୁ ଏମିତିଆ ଫଳମୂଳ ଚୁରି କରି କରି ତୋର ଏପରି ସ୍ୱଭାବ ହୋଇଯାଇଛି । ଯାହା ହେଇଛି, ହେଇଛି, ଯା'ଡ଼କୁ ସେ ସ୍ୱଭାବ ଛାଡ଼ିଦେ । ଗାଁଗଣ୍ଡାରେ କଷି-ଫଳ ଋନ୍ଧି ଋନ୍ଧି ତୋର ଏପରି ମାଙ୍କଡ଼ ସ୍ୱଭାବ ହୋଇଛି । ଆଉ ଏପରି କରିବୁ ନାହିଁ । ଏ ଗଛ ସବୁ ଦେଖିଲୁ; ଆଶ୍ରମର ତପସ୍ୟା ପ୍ରଭାବରେ ରହି ସେମାନେ କିପରି କୁରୁକୁରୁ ହୋଇ

Digitized by srujanika@gmail.com

ହସୁଛନ୍ତି । ଫଳନ୍ତ ଗଛକୁ ଆଉ କଷ୍ଟ ଦେବୁ ନାହିଁ । ତାଙ୍କ ଉପରକୁ ଢେଲା ଫିଙ୍ଗିବୁ ନାହିଁ । ସେମାନଙ୍କ ମୂଳ ସବୁବେଳେ ସଫା ରଖି ସେଠାରେ ଟୋପାଏ ଟୋପାଏ ପାଣି ଦେବୁ । ଚାଲ୍, ଶୀଘ୍ର ଚାଲ୍, ଗୁରୁଦେବ ଦେବପୂଜା ସାରି ଫଳମୂଳ ଠାକୁରଙ୍କ-ଠାରେ ସମର୍ପଣ କରି ନିଜେ ସେବା କରିବେ ଓ ଆମକୁ ଦେବେ ।"

ସତକୁ ସତ ଦୁହେଁ କୋଠରିରେ ପହଞ୍ଚିଲା ବେଳକୁ ଋଷି ଦୁହିଁଙ୍କୁ ଅପେକ୍ଷା କରି ବସିଥିଲେ । ପୂଜାପାଠ ଓ ପ୍ରସାଦ ସେବା ଶେଷ ହେଲା । ଆଚମନ ଓ ମୁହଁ ଧୁଆଧୋଇ ପରେ ତିନିହେଁ ବସିଲେ । ନାଲୁକୁ ଚାହିଁ ଋଷି କହିଲେ, "ଆରେ ବେଟା, ମୁଁ ତୋର ଇଚ୍ଛା ପୂରଣ କରିଦେବି; କିନ୍ତୁ କହିଲୁ; ତୋର ଏପରି ଖିଆଲ ଆସିଲା କାହିଁକି ?"

ନାଲୁ ହାତକୁ ଯୋଡ଼ି କହିଲା, "ପ୍ରଭୁ ! ଆମେରିକାର ବୈଜ୍ଞାନିକମାନେ ହାବେଳି ଯାନରେ ବସି ଚନ୍ଦ୍ର ଉପରେ ଓହ୍ଲାଇ ଓ ସେଠୁ ଟିକିଏ ମାଟି ଆଣି ଫେରିଆସିଲେଣି । ଫେରିଆସିବା ପରେ ସେମାନେ ଛାତି ଫୁଲେଇ ବହୁତ ବହୁତ କଥା କହୁ-ଛନ୍ତି । ସେଗୁଡ଼ା ସତ କି ମିଛ କିଏ କହିବ ? ମୋତେ ଜଣାଗଲା ସେମାନେ ମିଛ କହୁଛନ୍ତି । ମୁଁ ମନେ ମନେ ଭାବିଲି—ଏଇ ହିମାଳୟ ପର୍ବତକୁ ଆସିଲେ ନିଶ୍ଚୟ ମୁନି-ଋଷିଙ୍କ ପ୍ରାସାଦରୁ ମୁଁ ଯାଇଁ ଚନ୍ଦ୍ର ଉପରେ ଟିକିଏ ବୁଲି ଆସନ୍ତି । ସେମାନଙ୍କ କଥାରେ ଯଦି ମିଛ ଥିବ, ତେବେ ତାଙ୍କୁ ଟିଟିକାରି ମାରି କାଣ୍ଟୁଆ କରିଦେବି । ମୁଁ ଭଲ କରି ଜାଣିଚି ନାରଦ ମୁନି ଙ୍କି

Digitized by srujanika@gmail.com

ଯାନରେ ଏଠିକି ବୁଲିବାକୁ ଆସନ୍ତି । କିଏ ମୟୂର, କିଏ ହଂସ, କେହି କେହି ମୂଷା, ଷଣ୍ଢ, ମଇଁଷି, ହାତୀ ଘୋଡ଼ା ଆଦିଙ୍କ ପିଠିରେ ବସି ଶୂନ୍ୟଆଡ଼ ବୁଲନ୍ତି । ମୋର ଭେଟ ହେଲେ ତାଙ୍କ ଗୋଡ଼ତଳେ ପଡ଼ି ତାଙ୍କର ସାଙ୍ଗରେ ଚନ୍ଦ୍ରକୁ ଯାଇ ମନର ଅରମାନ ମେଣ୍ଟାଇ ଦିଅନ୍ତି । ମୋର ସବୁ ପରିକଳ୍ପନା କିନ୍ତୁ ଦୈତ୍ୟମାନଙ୍କ ଦ୍ୱାରା ଭଣ୍ଡୁର ହୋଇଗଲା ।"

ମହର୍ଷି ହସିଦେଇ କହିଲେ, "କିନ୍ତୁ ଚିନ୍ତା କରନା ବେଟା, ତୁ ଏ ଗଣ୍ଡଗୋଳିଆ ଦୈତ୍ୟଗୁଡ଼ାଙ୍କୁ ଘଉଡ଼ାଇ ଆମର ବହୁତ ଉପକାର କରିଛୁ । ତୋର ଇଚ୍ଛା ଅବଶ୍ୟ ଆମେ ପୂରଣ କରି-ଦେବା । ମୁଁ ଧ୍ୟାନରେ ଜାଣିପାରିଚି ଯେ ନାରଦ ଢିଙ୍କି ବାହନରେ ଏଇବାଟେ ଦେଇ ଜଗନ୍ନାଥ ଦର୍ଶନକୁ ଯିବେ । ତାଙ୍କୁ ମୁଁ ଅନୁରୋଧ କରି କହିବି, ତୋତେ ଢିଙ୍କି ପଛଆଡ଼େ ବସାଇ ଆଗ ଚନ୍ଦ୍ର ବୁଲାଇ ଆଣିବେ; ତା'ପରେ ଜଗନ୍ନାଥ ଦର୍ଶନକୁ ଯିବେ । ମୋର ଆଶା ସେ ମୋର କଥା ରଖିବେ । କେବଳ ତୁ ଭକ୍ତିରେ ତାଙ୍କୁ କିଣିପାରିଲେ ହେଲା ।"

ମୁହଁରୁ କଥା ସରିଛି କି ନା, ଏହି ସମୟରେ ଦୁଆର ମୁହଁରେ ଧପଡ଼ ଧାଏଁ ଧପଡ଼ ଧାଏଁ ଶବ୍ଦ କରି ନାରଦଙ୍କୁ ପିଠିରେ ବସାଇ ଢିଙ୍କିଯାନ ଆସି ପହଞ୍ଚିଗଲା । ତନହେଁ ଯାଇଁ ଦେଖିଲେ ଢିଙ୍କିଯାନ ଉପରେ ନାରଦ ବସିଛନ୍ତି । 'ନାରାୟଣ, ନାରାୟଣ' ବୋଲି ସମସ୍ତେ ଚିଲେଇବାକୁ ଲାଗିଲେ । ନାରଦ ବି ଢିଙ୍କିରୁ ଓହ୍ଲାଇପଡ଼ି ସମସ୍ତଙ୍କୁ ଆଶୀର୍ବାଦ କରିବାକୁ ଲାଗିଲେ । ଋଷି ଓ ତାଙ୍କ ଚେଲା ତାଙ୍କୁ ଭିତରକୁ ପାଛୋଟି ନେଇଗଲେ ।

Digitized by srujanika@gmail.com

ନାଲୁ କିନ୍ତୁ ସେ ଢିଙ୍କି ଯାନଟାକୁ ଭଲ କରି ଦେଖିବାକୁ ଲାଗିଲା ।

ତା'ର କଳ କେଉଁଠି, କେମିତି ଉଡ଼େ, କେମିତି ବନ୍ଦ ହୁଏ ସେ ସବୁ କଳକବ୍‌ଜା ତନ୍ନ ତନ୍ନ କରି ପରୀକ୍ଷା କଲା । ତା' ଉପରେ କେମିତି ବସନ୍ତି; ବସିଲେ ନରମ ଲାଗେ କି ନା ତାହା ଜାଣିବା ପାଇଁ ସେ ନିଜେ ଯାଇ ତା' ଉପରେ ବସିପଡ଼ିଲା । ସଙ୍ଗେ ସଙ୍ଗେ ଧପଡ଼ଧାଏଁ ଧପଡ଼ଧାଏଁ ଶବ୍ଦ ହେଲା, ଦୁଷ୍ଟ ଘୋଡ଼ା ପଛଗୋଡ଼ ଦି'ଟା ଛାଟି ଓ ଗଣ୍ଡିଟାକୁ ଟେକିଦେଇ ଯେପରି ଡେଇଁ ଉଠେ ଓ ସବାରକୁ ପିଠି ଉପରୁ ଫୋପାଡ଼ିବାକୁ ଚେଷ୍ଟା କରେ, ଢିଙ୍କିଟା ସେହିପରି କୁଦିଲା । ନାଲୁ ଛିଟିକି ଯାଇ ଦୂରରେ ପଡ଼ିଲା । ଋଷି ଓ ନାରଦ ଦୁହେଁ ପଦାକୁ ଦଉଡ଼ିଯାଇ ଏ ଘଟଣା ଦେଖିଲେ ଏବଂ 'ଶାନ୍ତ-ଶାନ୍ତ' ବୋଲି ପାଟିକରି ଢିଙ୍କିକୁ ଶାନ୍ତ କରାଇଲେ । ଢିଙ୍କି ଏତିକିରେ ସନ୍ତୁଷ୍ଟ ହୋଇ ରହିନଥିଲା । ସେ ପାହୁରଣିରେ ନାଲୁକୁ ଛେଚିବାକୁ ବସିଥିଲା । ନାରଦଙ୍କୁ ଦେଖି ଅଟକିଗଲା । ନାରଦ ନାଲୁକୁ ପଚାରିଲେ, "କିରେ ବାବା, ତୁ କଅଣ ଢିଙ୍କି

Digitized by srujanika@gmail.com

ସାଙ୍ଗରେ ଲାଗିଥିଲୁ ? ମୁହଁ ଶୁଖାଇ ନାଲୁ କହିଲା, "ହଁ ଆଜ୍ଞା, ମୁଁ ଦେଖିଲି ଯନ୍ତ୍ରମନ୍ତ୍ର କୋଉଠି କିଛି ତ ଦିଶୁନାହିଁ । ତେବେ

ଏଇଟା ଶୂନ୍ୟରେ ଉଡ଼ୁଛି କିପରି । ଟିକିଏ ହାତମାରି ତିଙ୍କି ପିଠିରେ ସବାର ହେବାମାତ୍ରେ ମୋର ଏ ଦୁର୍ଦ୍ଦଶା ଘଟିଲା । ଆପଣ ନ ଆସିଥିଲେ ମୋର ଜୀବନ ଆଜି ଯାଇଥାଆନ୍ତା ।"

ଋଷି କହିଲେ, "ଏ କ'ଣ ମର୍ତ୍ତ୍ୟର ଜିନିଷ ହୋଇଛି, ତାକୁ ଖୋଲିପକାଇ ଯନ୍ତ୍ରଗୁଡ଼ିକ ଦେଖିପକାଇବୁ । ସେଥିରେ ଏପରି ସୂକ୍ଷ୍ମ ଯନ୍ତ୍ର ସବୁ ଅଛି ଯେ, ତାହା ଆଖିକୁ ଦିଶିବ ନାହିଁ । ମୁଁ ଭାବିଥିଲି ମହର୍ଷି ନାରଦଙ୍କୁ କହିଥାଆନ୍ତି, ସେ ତତେ ତାଙ୍କ ପାଖରେ ବସାଇ ଚନ୍ଦ୍ରକୁ ଉଡ଼େଇନେଇ ଯାଇଥାଆନ୍ତେ ଓ ପୁଣି ଆଣି ଛାଡ଼ି ଦେଇ ଯାଇ ଥାଆନ୍ତେ; କିନ୍ତୁ ତୁ ଯୋଉ କାମ କଲୁ ସେଥିରେ ତିଙ୍କି ତୋ' ଉପରେ ଖୁବ୍ ରାଗିଗଲାଣି । ମହର୍ଷି

Digitized by srujanika@gmail.com

ନାରଦ ମଧ୍ୟ ତାଙ୍କୁ ସେଆଡ଼େ ଆଉ ବଢ଼େଇବେ ନାହିଁ ।" ତା' ପରେ ନାରଦଙ୍କୁ ସେ କହିଲେ, "ଆଜ୍ଞା, ସେ ଆମର ବହୁତ କିଛି ଉପକାର କରିଛନ୍ତି । କିପରି ତା' ଇଚ୍ଛା ପୂରଣ ହେବ ସେ ବିଷୟ ଦୟାକରି କୁହନ୍ତୁ ।" ନାରଦ କହିଲେ, "ଐରାବତ ଓ ଉଚ୍ଚୈଃଶ୍ରବା ହିମାଳୟ ଉପରକୁ ବେଳେବେଳେ ଚରିବାକୁ ଆସନ୍ତି । ତାଙ୍କ ଲାଙ୍ଗୁଡ଼ ଧରି ଏ ପିଲାଟି ଚନ୍ଦ୍ରକୁ ଯାଇପାରି-ଥାଆନ୍ତା; କିନ୍ତୁ ଇନ୍ଦ୍ର ନିଜେ ନ ବସିଲେ ସେ ଦୁହେଁ ମର୍ତ୍ତ୍ୟବାସୀଙ୍କୁ ସେମାନଙ୍କ ଦେହ ଛୁଇଁବାକୁ ଦେବେ ନାହିଁ । ଇନ୍ଦ୍ର ଯେତେ-ହେଲେ ଦେବତାଙ୍କ ରାଜା । ସେ ଏକଥା କେବେହେଲେ କରାଇ ଦେବେ ନାହିଁ ।" ଋଷି ଅନୁନୟ-ବିନୟ ହୋଇ କହିଲେ, "ପିଲାଟିର ଇଚ୍ଛାକୁ କୌଣସିମତେ ପୂରଣ କରିଦିଅନ୍ତୁ ।"

ନାରଦ କହିଲେ, "ଆଚ୍ଛା, ତୁମେ ଯେବେ ଏତେ ଅନୁ-ରୋଧ କରୁଛ, ମୁଁ ତୁମକୁ ଗୋଟାଏ ଇଲମ ଦଉଛି । ସେଇ ଇଲମ ବଳରେ ତୁମେ ନିଜେ ଏ ପିଲାକୁ ନିଉ କରି ଚନ୍ଦ୍ରଲୋକକୁ ନେଇଯିବ ଓ ଫେରି ଆସିପାରିବ । ତୁମ ଗୃହପାଖରେ ମୁଁ ଏପରି ଗୋଟିଏ ନିରାପଦ ବଳୟ ସୃଷ୍ଟି କରିଦେବି ଯେ, ତାହା ଗୋଟିଏ ଖୋଳପରି ଗୃହଆଡ଼ୁ ଘୋଡ଼େଇ ରଖିବ । ତୁମେ ମନଯାନରେ ଗଲାଭଳି ବିଜୁଳି ବେଗରେ ଚନ୍ଦ୍ର ଉପରେ ପହଞ୍ଚି-ଯିବ ଏବଂ ଟିକିଏ ବୁଲାଚଲା କରି ପଳେଇ ଆସିବ । ସେଠାରେ ଅବଶ୍ୟ ପିତୃଲୋକଙ୍କୁ ଦେଖିପାରିବ ନାହିଁ; କିନ୍ତୁ ସେମାନଙ୍କ କଥାବାର୍ତ୍ତା ଶୁଣିପାରିବ । ଦୁଇ ଘଣ୍ଟା ମଧ୍ୟରେ ତୁମେ ଯାଇ ଚାଲି ଆସିପାରିବ । ଏବେ ତୁମେ ତାକୁ ନିଉ କରି ଠିଆହୁଅ । ମୁଁ ତୁମ ଗୃହପାଖରେ ମନ୍ତ୍ରବଳୟ ସୃଷ୍ଟି କରିଦେଉଛି ।"

Digitized by srujanika@gmail.com

ନାରଦ ଫୁସ୍‌ଫୁସ କରି ମନ୍ତ୍ର ବୋଲିଲେ ଓ ହାତ ହଲାଇ ମନ୍ତ୍ରକୁ ଜୀବନ୍ୟାସ ଦେଲେ ଏବଂ ସେଇ ମନ୍ତ୍ର ଉଚ୍ଚାରଣ କରି ବଲଯୃଷ୍ଟାକୁ ଲୁନ୍ଦ୍‌ଆଡ଼େ ମୁହାଁଇ ଦେଲେ । ଆଖିପିଛୁଳାକେ ଋଷି ଓ ନାଲୁ ଅଦୃଶ୍ୟ ହୋଇଗଲେ । ତା'ପରେ ଋଷିଙ୍କ ଚେଲାକୁ ଆଶ୍ରମ ଜଗିବାକୁ କହି ନାରଦ ତିନ୍ତି ଯାନରେ ନିଜ ଗନ୍ତବ୍ୟ ପଥରେ ଚାଲିଗଲେ ।

ମାଙ୍କଡ଼ ପିଠିରେ ତା' ଛୁଆ ଲାଉ ହେଲାପରି ନାଲୁ ଋଷିଙ୍କ ପିଠିକୁ ଜକଟିମକଟି ଧରିଥାଏ । ନାଲୁ ଋଷିଙ୍କୁ ପଚାରିଲା, "ବାବା, ଆମେ ସେଠି ପହଞ୍ଚିବାକୁ କେତେଦିନ ଲାଗିବ ?"

ଋଷି କହିଲେ, "ଆରେ ଦିନ କଅଣ ପଚାରୁଛୁ, ଆମେ ପହଞ୍ଚିଲୁଣି କାଣ ।" ନାଲୁ ଅବାକ୍ ହୋଇଯାଇ କହିଲା, "ଏଁ, ଆମେ ଯଦି ଏତେ ଶୀଘ୍ର ଯାଉଚୁ ଆମକୁ ଗରମ ଲାଗୁନି କିଆଁ ?

Digitized by srujanika@gmail.com

ପବନ ଘର୍ଷଣ ଆମକୁ ତ ପୋଡ଼ି ସାରନ୍ତାଣି ।" ଋଷି ହସି ହସି କହିଲେ, "ଆରେ ବେଟା, ଆମେ କ'ଣ ମଣିଷର ହାବେଳି ଯାନରେ ଯାଉଛୁ ? ଆମେ ନାରଦ ମହର୍ଷିଙ୍କ ଦ୍ୱାରା ତିଆରି ହୋଇଥିବା ଦେବଯାନରେ ଯାଉଛୁ । ଏହା ସବୁ ପ୍ରକାର ବିପଦରୁ ସୁରକ୍ଷିତ ରହିଛି । ରକ୍ଷା କବଚକୁ ଭେଦ କରି କୌଣସି ଜିନିଷ ଆମକୁ ଛୁଇଁ ପାରିବ ନାହିଁ ।"

ଠିକ୍ ଏହି ସମୟରେ ତାଙ୍କ ବଳୟଟି ତଳକୁ ଅଳ୍ପ ବିଜୁଳି ବେଗରେ ଝୁଙ୍କି ପଡ଼ିଲା ଓ ତା' ଉପରଦେଇ ଗୋଟାଏ ଗୋଲିଆ ବସ୍ତୁ ଫସ୍ କରି ଚାଲିଗଲା । ହାଉଳିଖାଇ ନାଲୁ ପଚାରିଲା, "ବାବା ! ଏଇଟା କଅଣ ଗଲା ?" ଋଷି କହିଲେ, "ବେଟା, ଡରେ ମତ୍, ଯୋଉଟା ଉପର ଦେଇ ଚାଲିଗଲା, ତା' ସାଙ୍ଗରେ ଧକ୍କା ନ ଲାଗିବା ଲାଗି ଆମ ବଳୟଟି ଝଟ୍‌କରି ତଳକୁ ଝୁଙ୍କିଗଲା । ତେଣୁ ସେ ଜିନିଷଟି ଆମ ଉପରେ ଉପରେ ଚାଲିଗଲା । ସେଇଟା ହେଉଛି ମଣିଷ ଦ୍ୱାରା ଛଡ଼ାହୋଇଥିବା ଉପଗ୍ରହ । ଏବେ ମଣିଷମାନେ ଏତେ ଉପଗ୍ରହ ଛାଡ଼ିଲେଣି ଯେ ଆମର ଚାରିକଡ଼େ ଯଦି ସୁରକ୍ଷା ବଳୟ ନଥାଆନ୍ତା, ତେବେ ତାହା ଆମ ଦେହରେ ପିଟି ହୋଇ ଆମକୁ ଧ୍ୱଂସ କରିଦେଇ-ଥାଆନ୍ତା । ମଣିଷ ତିଆରି ଶହ ଶହ ଉପଗ୍ରହ ଆଉ କେତେ ଦିନରେ ନିଜ ନିଜ ମଧ୍ୟରେ ପିଟି ହୋଇଯିବେ, ଆମର ସେ ଭୟ ନାହିଁ ।"

ନାଲୁ ଆଗରେ ଋଷିଙ୍କ ପିଠି ଥିବାରୁ ସେ କିଛି ଦେଖି-ପାରୁ ନଥିଲା । ତା' ଛାତି ଖାଲି ଧଡ଼ ଧଡ଼ ହେଉଥାଏ । ଅଳ୍ପ

Digitized by srujanika@gmail.com

କିଛି ସମୟ ପରେ ଋଷି ଗୋଟିଏ ଥାନରେ ଅଟକି ଗଲାପରି ଜଣାଗଲା । ସେ ନାଲୁକୁ ଡାକି କହିଲେ, "ବେଟା ନାଲୁ, ଚନ୍ଦ୍ର ହୋଇଗଲା ଏବେ ମୋ ପିଠିରୁ ଓହ୍ଲା ଓ ମୋ ହାତକୁ ଧରିଥା ।"

ଅଦୃଶ୍ୟ ବଳୟ ମଧ୍ୟରୁ ଦୁଇଜଣଯାକ ବାହାରି ଆସିଲେ । ବଳୟଟିକୁ ଗୁଡ଼େଇଗୁଡ଼େଇ ଋଷି କାଖରେ ଜାକି ଧରିଲେ ଏବଂ ନାଲୁର ହାତକୁ ଧରି ଆଗେଇଲେ । ନାଲୁର ଗୋଡ଼ ଚନ୍ଦ୍ର ଉପରେ ଜମିଥିବା ଖୁବ୍ ସୂକ୍ଷ୍ମ ବାଲିକଣା ଭିତରକୁ ପଶିଯାଉଥାଏ । ସେ ଡରିଯାଇ କହିଉଠିଲା, "ବାବା, କେଉଁଠି ପାଣି ଭିତରକୁ ବୁଡ଼ିଗଲା ପରି ଆମେ ବାଲି ଭିତରେ ବୁଡ଼ିଯିବାନି ତ ?"

ଋଷି କହିଲେ, "ଡରିମତ୍ ବେଟା, ତୋ ହାତ ମୁଁ ଧରିଚି । ନାରଦଙ୍କ ମନ୍ତ୍ରଶକ୍ତି ବଳରେ କୌଣସି ପ୍ରକାର ଆପଦ ପଡ଼ିବ ନାହିଁ ।

Digitized by srujanika@gmail.com

ଚନ୍ଦ୍ରର ବାଲି ଭାରି ହାଲୁକା ଓ ସାମାନ୍ୟ ଓଦାଳିଆ ଭଳି ଗୋଡ଼ଙ୍କୁ ଜଣାଯାଉଥାଏ । ନାଲୁ ନଠେଇ ନଠେଇ ଆଡ଼କୁ ସାଡ଼କୁ ଗୃହୁଁଥାଏ । ସେ ଚାରିଆଡ଼ ଯାକ ଛୋଟ ଛୋଟ ପାହାଡ଼ ଓ ବଡ଼ବଡ଼ ଖାଲ ସବୁ ଦେଖୁଥାଏ । ଗୁଡ଼ାଏ ଗାଡ ଚନ୍ଦ୍ରର ଗର୍ଭ ଭିତରୁ ବାହାରି ଆସି ଉପରକୁ ମେଲା ହୋଇଯାଇଥାଏ । ଗୋଟାଏ ଜାଗାରେ ଗୋଟାଏ ବଡ଼ ପଥର ପଡ଼ିଥିଲା । କି ପଥର ବୋଲି ଭାବି ସେ ତାକୁ ଟିକିଏ ହଲେଇଦେଲା । ସେ ଅବାକ୍ ହୋଇ ଅନୁଭବ କଲା ସେଇଟା ପଥର ନୁହେଁ । ସାମାନ୍ୟ ଜୋର କରି ସେ ସେଇଟାକୁ ଟିକିଏ ହଲେଇ ଦେବାରୁ ସେଇଟା ଗୋଟାଏ ହାଲୁକା କାଠଗଡ଼ ପରି ଜଣାଗଲା । ସେଇଟାକୁ ଟିକିଏ ଠେଲିଦେବାରୁ ଭୁସ୍ କରି ଉପରକୁ ଉଠିଗଲା । ତାକୁ ବେଶ୍ କୌତୁକ ଲାଗିଲା । ଆହୁରି ଅଧିକ କୌତୁକ କରିବାକୁ ଯାଇ ସେ ତାକୁ ଗୋଟାମୁଣ୍ଡା ଉଠାଇ ଉପରକୁ ଫିଙ୍ଗିଦେଲା । ସେ ବିସ୍ମୟରେ ଫାଟିପଡ଼ିଲା, ହାଲୁକା ଜଣାଯାଉଥିବା ସେ ଜିନିଷଟି ବହୁତ ଉପରକୁ ଉଠିଗଲା । ଗୋଟାଏ ଚଢ଼େଇ ଉପରୁ ଖସି ଭୂଇଁରେ ବସିଲା ପରି ସେ ଧୀରେ ଧୀରେ ଖସି ଭୂଇଁରେ ପଡ଼ିଲା । ସେ ହାଉଳି ଖାଇ ଯାଇ ଋଷିଙ୍କୁ ପଚାରିଲା, "ବାବା, ଏଇଟା କି ଚଜ ?"

ସେ କହିଲେ, "ତୋର ଆଶ୍ଚର୍ଯ୍ୟ ହେବାର କିଛି କାରଣ ନାହିଁ । ଆମ ପୃଥିବୀର ପଥର ପରି ଏ ବି ଗୋଟାଏ ପଥର । ଏଇଟାକୁ ଯଦି ଆମ ପୃଥିବୀକୁ ନେଇଯିବା, ତୋ ଭଳି ଦୁଇ-ତିନିଗଣ୍ଡା ପିଲା ତାକୁ ହଲେଇପାରିବେ ନାହିଁ । ପୃଥିବୀର ଗୋଟାଏ ପଥର ଆଣି ଏଠି ରଖିଲେ ଏ ଯାହା ହେଲା ସେ

ସେଇଅ୍ୟା ହେବ । ଏଇଟା ହେଉଛି ଥାନର ଗୁଣ । ଏଠିକାର ଏହି ଆକାରର ଗୋଟାଏ ତୁଳାଗଦା ପୃଥିବୀରେ ପଥର ପରି ଓଜନଆ ହୋଇଯିବ । ପୃଥିବୀର ଏତ୍ତିକ ପଥରଟାଏ ଏଠି ତୁଳା ପରି ହାଲୁକା ହୋଇଯିବ । ଆଉ ଗୋଟାଏ ମଜା କଥା ଦେଖ୍ । ତୁ ଟିକଏ ଉପରକୁ କୁଦିଲୁ ।”

ନାଲୁ ସଙ୍ଗେ ସଙ୍ଗେ କୁଦାଟାଏ ମାରିଦେଲା । ସେ ଯେତିକି ଜୋର୍‌ରେ କୁଦୁଥିଲା, ସେତିକିରେ ସେ ଖୁବ୍ ହେଲେ ଦେଢ଼-ହାତ ଉପରକୁ ଯାଇଥାଆନ୍ତା । ତା’ ବଦଳରେ ସେ ଏକା-ବେଳକେ ଦୁଇ ପୁରୁଷ ଉଚ ଉଠିଗଲା । ତାକୁ ଭାରି ଡର ଲାଗିଲା । ସେ ଭାବିଲା, ଖସିଲାବେଳେ ତା’ ଗୋଡ଼-ହାତ ଭାଙ୍ଗି-ଯିବ । କିନ୍ତୁ ସେପରି ହେଲା ନାହିଁ । ଧୀରେ ଧୀରେ ଗୋଟାଏ ବେଲୁନ ତଳକୁ ଖସିଲା ପରି ସେ ଖସିଆସିଲା । ହାଉଳିଖାଇ ସେ ଋଷିଙ୍କୁ ପଚାରିଲା, “ବାବା ! ଏ କି ଅଜବ କଥା !”

ଋଷି ହସି ହସି ତା’ ପିଠିରେ ହାତମାରି କହିଲେ, “ତୁ ଖାଲି ଏତିକି ଜାଣିଥା, ଏଠି କ’ଣ ହେଉଛି ଓ ପୃଥିବୀରେ କ’ଣ ହୁଏ । ତାହାର କାରଣ ତୋ ସ୍କୁଲରେ ଶିକ୍ଷକଙ୍କୁ ପଚାରି ବୁଝିବୁ ।”

ବାବାଙ୍କୁ ନାଲୁ ଜକଟିମକଟି ଧରିଥାଏ । ଦୁହେଁ ଆଉ କିଛି ବାଟ ଆଗେଇଲେ । ଶୁଖିଲା ପଡ଼ିଥିବା ଗୋଟାଏ ବଡ଼ ପୋଖରୀ ପାଖରେ ସେମାନେ ପହଞ୍ଚିଲେ । ପୋଖରୀ ପରି ଦିଶୁଥିବା ଜାଗାରେ ଚାରିକଡ଼ୁ ପାହାଚ ପାହାଚ ହୋଇ ତଳକୁ ଯାଇଥାଏ ।

Digitized by srujanika@gmail.com

ନାଲୁ ପଚାରିଲା, "ବାବା, ଏ ପଥର ପାହାଚକୁ କିଏ କଲା ।
ଏଠାରେ ତ କେହି ଲୋକ ନାହାନ୍ତି ।" ବାବା ଟିକିଏ ଆଖିବୁଜି
କିଛି ସମୟ ଠିଆ ହୋଇଗଲେ । ତା' ପରେ କହିଲେ, "ତୁ
ଭଲ କଥାଟିଏ ପଚାରିଛୁ । ମୁଁ ଧ୍ୟାନରେ ତାହା ଏବେ ଜାଣିଲି ।
ଏଇଟା ଗୋଟାଏ ହ୍ରଦ ଥିଲା । ଏଥିରେ ପାଣି ମଧ୍ୟ ରହିଥିଲା ।
କିଛି କାରଣରୁ ପ୍ରଚଣ୍ଡ ଉତ୍ତାପରେ ପାଣିସବୁ ଆସ୍ତେ ଆସ୍ତେ
ଶୁଖିଗଲା । ଏପରି ଥାକ ଥାକ ହୋଇ ପାହାଚ ହେବାର କାରଣ
ହେଉଛି, କେତେଦିନ ଧରି ପାଣି ଗୋଟିଏ ସ୍ତରରେ ରହିଲା ।
ପୁଣି ଖସିଯାଇ ଆଉ ଏକ ତଳ ସ୍ତରରେ ଆଉ କିଛିଦିନ ରହିଲା,
ଏହିପରି ପାଣି ପୁଣି ସ୍ତର ସ୍ତର ହୋଇ ଖସିବାରୁ ସେହି
ଅନୁସାରେ ତାହା ପାହାଚ ଭଳି ହୋଇଯାଇଛି ।"

ଦୁହେଁ ଗୋଟାଏ ସ୍ତର ଉପରେ ବସିଗଲେ । ଋଷି
କହିଲେ, "ବେଟା ନାଲୁ, ତୁ ଏଠି କିଛି ଦେଖିପାରିବୁ ନାହିଁ ।
ମୁଁ କିନ୍ତୁ ସବୁ ଦେଖିପାରୁଛି ଏବଂ କଥାବାର୍ତ୍ତା ଶୁଣିପାରୁଛି ।
ତୋତେ ମୁଁ ଦିବ୍ୟଦୃଷ୍ଟି ଓ ଦିବ୍ୟଶ୍ରବଣ ଶକ୍ତି ଦେଉଛି । ତୁ
ମଧ୍ୟ ମୋ ପରି ସବୁ ଦେଖିବୁ ଓ ଶୁଣିବୁ ।" ଏହା କହି ସେ
ନାଲୁର ଦୁଇ ଆଖିକୁ ଓ କାନକୁ ତିନଥର ଭଲ କରି ଫୁଙ୍କି
ଦେଲେ । ନାଲୁର ବିସ୍ମୟର ସୀମା ରହିଲା ନାହିଁ । ଗୁରିଆଡ଼-
ଯାକ ବୁଢ଼ା ବୁଢ଼ୀ ସେମାନଙ୍କ ପାଖରେ ଠିଆହୋଇ ହସୁଥିଲେ ।
ଋଷି ନାଲୁକୁ କହିଲେ, "ବେଟା ସମସ୍ତଙ୍କ ଗୋଡ଼ତଳେ ପଡ଼ ।
ଏମାନେ ହେଲେ ପିତୃପୁରୁଷ । ଯାଁଙ୍କର ମଧ୍ୟରେ ତୋ ବୁଢ଼ା-
ବାପାଙ୍କ, ବୁଢ଼ାବାପାଙ୍କ, ବୁଢ଼ାବାପାଙ୍କ ବୁଢ଼ାବାପା ଅଛନ୍ତି ।
ସେମାନଙ୍କର ଆଶୀର୍ବାଦ ପାଇବୁ ।"

Digitized by srujanika@gmail.com

ନାଲୁ ଖୁବ୍ ଭକ୍ତିର ସହ ସେମାନଙ୍କ ଗୋଡ଼ତଳେ ପଡ଼ିଲା । ସେମାନେ ମଧ୍ୟ ତା' ମୁଣ୍ଡରେ ହାତ ବୁଲାଇ ତାକୁ ଆଶୀର୍ବାଦ କଲେ । ଜଣେ ବୁଢ଼ା ନାଲୁକୁ କହିଲେ, "ହଇରେ ନାଲୁ, ମୁଁ ତତେ ଚହ୍ନି ପାରିଲିଣି । ତୁ ଆମର ଗେଲବସରିଆ ଅଣ-ଅଣ-ଅଣ-ଅଣନାତି । ଯାହାହେଉ ଏହି ଋଷିଙ୍କ କୃପାରୁ ତୁ ସ୍ୱଦେହରେ ଏଠାକୁ ଆସିବାରୁ ଆମେ ତତେ ଦେଖିପାରିଲୁ । ଏଠି ବଡ଼ ଜଳକଷ୍ଟ । ଆମେ ସବୁ ବର୍ଷକୁ ଥରେ ପାଣିପିଉ । ମର୍ତ୍ତ୍ୟଲୋକରେ ଥିବା ଆମ ବଂଶଧର ଯେଉଁ ତର୍ପଣ ବର୍ଷରେ ଥରେ କରନ୍ତି, ତାହା ଆମେ ପିଉ । ଏଠି ପ୍ରାୟ ପାଞ୍ଚଶହ ବର୍ଷ କଟାଇବା ପରେ ଆମେ ଚାଲିଯିବୁ ବ୍ରହ୍ମଲୋକକୁ ।

ନାଲୁ ହସି ହସି କହିଲା, "ଆହେ ମହାବୁଢ଼ାବାପା, ତା' ହେଲେ ତୁମର କ୍ଲାସ ପ୍ରମୋସନ୍ ହେଇଯିବ । ଆମେ ପୃଥିବୀରେ ସ୍କୁଲରେ ପାଠ ପଢ଼ୁଚୁ । ପ୍ରଥମ ଶ୍ରେଣୀ ପାଠ ପଢ଼ିଲେ ଦ୍ୱିତୀୟକୁ ଯାଉଛୁ । ଏଇପରି ଦଶମ ଶ୍ରେଣୀଯାଏ ଉଠି ଉଠି ଯାଉଚୁ । ତୁମେ ସେଇପରି ମର୍ତ୍ତ୍ୟରୁ ଚନ୍ଦ୍ରଲୋକକୁ ଆସିଲ । ଏଠୁ ପାସ କରି ଦେବଲୋକକୁ ଯିବ । ଏମିତି କେତେଲୋକ ଡେଇଁ ଶେଷରେ ଯାଇଁ ବ୍ରହ୍ମଲୋକରେ ପହଞ୍ଚିବ । ତା'ପରେ କୋଉଠି ଯାଇ ଚାକିରି କରିବ ?"

ବୁଢ଼ା ହସି ହସି କହିଲେ, ବ୍ରହ୍ମଲୋକରେ ଆମେ ସମସ୍ତେ ଅର୍ଜିଥିବା ପୁଣ୍ୟତକ ବସି ଖାଇବୁ । ସେତକ ସରିଗଲେ ପୁଣି ମର୍ତ୍ତ୍ୟଲୋକରେ ଯାଇଁ ଜନ୍ମହେବୁ ।"

ନାଲୁ କହିଲା, "ହଁ ମହାବୁଢ଼ାବାପା, ମର୍ତ୍ତ୍ୟରେ ଆମେ ଉଠି ଉଠି ଚାକିରି ବା ବ୍ୟବସାୟରେ ବୁଦ୍ଧି ସବୁ ଖର୍ଚ୍ଚ କରୁ ।

Digitized by srujanika@gmail.com

ତା'ପରେ ପେନ୍‌ସନ ନେଇ ଘରେ ଆଖିବୁଜି ଧ୍ୟାନରେ ବସ୍ତୁ। କାଳ ହୋଇଗଲେ ପୁଣି ଚନ୍ଦ୍ରଲୋକରେ ଯାଇ ପହଞ୍ଚୁ। ଏମିତ ଲୀଳା ଲାଗିଛ।

ବୁଢ଼ା କହିଲେ, "ମହର୍ଷି! ଏ ପିଲାଟା ଭାରି ଚାଲାକ୍ ଅଛୁ। ଆମର ବହୁତ ଆନନ୍ଦ ଯେ, ଆପଣ ଯାଁ'କୁ ଆଣି ଆମକୁ ଦେଖାଇଲେ, ଆପଣ ନଥିଲେ ସେ ଏଠାକୁ ମୋଟେ ଆସିପାର ନଥାନ୍ତା। ଦ୍ୱାପର ଯୁଗରେ କେବଳ ଯୁଧିଷ୍ଠିର ଟିକିଏ ବଙ୍କେଇ ହୋଇ ସିଧାସଳଖ ସ୍ୱର୍ଗକୁ ଯାଇଥିଲେ। ଆମ ନାଲୁକୁ ଆପଣ ସିଧାସଳଖ ଏଇଠାକୁ ନେଇଆସିଲେ। ଆମମାନଙ୍କ ମନ ଭାରି ଖୁସି ହୋଇଗଲା। ହଉ ଆପଣ ଯଦି ଆଣିଛନ୍ତି ଚାରିଆଡ଼ ବୁଲେଇ ଦେଖେଇ ଦିଅନ୍ତୁ।"

ମହର୍ଷି କହିଲେ, "ତେବେ ଆପଣ ଆମ ସଙ୍ଗରେ ଆସନ୍ତୁ। ବାଟଘାଟ ଆମକୁ ଜଣାନାହିଁ।"

ସେମାନେ କଥାବାର୍ତ୍ତା ହୋଇ କିଛି ବାଟ ଆଗେଇଲେ। ଏହି ସମୟରେ ଗୋଟାଏ ବଡ଼ ଗୋଲାକାର ଜିନଷ ଦିଗବଳୟୁ ଆଡ଼ୁ ଆସ୍ତେ ଆସ୍ତେ ଉପରକୁ ଉଠିଲା। ନାଲୁ ପାଟିକରି ଉଠିଲା, "ଏଇଟା କଅଣ?" ବୃଦ୍ଧ ଜଣକ କହିଲେ, "ସେଇଟି ହେଉଛି ପୃଥିବୀ। ପୃଥିବୀରେ ତୁମେମାନେ ଯେପରି ସୂର୍ଯ୍ୟୋଦୟ ଓ ଚନ୍ଦ୍ରୋଦୟ ଦେଖୁଚ, ଆମେ ସେମିତ ଏଠି ପୃଥିବୀର ଉଦୟ ଓ ଅସ୍ତ ଦେଖୁଚୁ। ହେଇଟି ସିଆଡ଼କୁ ଚାହିଁ, ଭାରତ ଯେଉଁ ଆଡ଼କୁ ଅଛି, ସେଇଆଡ଼ଟା ଆମ ପଟକୁ ଅଛି।"

ନାଲୁ କହିଲା, "ଆମ ଭାରତରେ ତ ବହୁତ ଜଙ୍ଗଲ ଅଛି। ସେଗୁଡ଼ାକ ତ ସବୁ ଶାଗୁଆ ରଙ୍ଗ ଦିଶୁଥାଆନ୍ତା। ସେମିତ ତ

Digitized by srujanika@gmail.com

ଦେଖୁନ । କେଉଁଠି କମିତ ଶାଗୁଆ ବୁନ୍ଦାଟିମାନ ଯାହା ଦେଖୁଚ । ବୁଢ଼ା କହିଲେ, "ତା'ର କାରଣ ହେଲା—ଏବେ ପୃଥିବୀର ଲୋକଗୁଡ଼ାକଙ୍କ ପ୍ରକୃତି ବଡ଼ ଖରାପ ହୋଇଗଲାଣି । ଈଶ୍ୱର ଦେଇଥିବା ଘନଜଙ୍ଗଲକୁ ଖିନ୍‌ଖରାପ କରିସାରିଲେଣି । ତାଙ୍କୁ ଜ୍ଞାନୀ ଲୋକେ ଯେତେ ବୁଝାଉଛନ୍ତି, ସେ ମୂର୍ଖମାନେ ତାହା ବୁଝୁନାହାନ୍ତି । ଏଥିଲାଗି ସେଠି ଲୋକେ ବହୁତ ଦୁଃଖକଷ୍ଟ ଭୋଗିଲେଣି । ଅନାବୃଷ୍ଟି, ଅତିବୃଷ୍ଟି, ଭୟଙ୍କର ଅଣ୍ଡା ଓ ଗରମ ସେମାନଙ୍କୁ ଯଥେଷ୍ଟ ପୀଡ଼ା ଦେଲାଣି । ଯଦି ସେମାନେ ଏହିପରି ମୂର୍ଖାମି କରିଚାଲନ୍ତି, ତେବେ ଆଉ ଅଳ୍ପ ଦିନରେ ସମସ୍ତେ ଶେଷ ପାଇଯିବେ । ସେମାନଙ୍କୁ ଖାଇବା-ପିଇବାକୁ ମଧ୍ୟ ମିଳିବ ନାହିଁ । ଜମିର ଉର୍ବର ସବୁ ନଷ୍ଟ ହୋଇଯିବ । ଆଉ ଦୁଇ ଶହ ବର୍ଷ ମଧ୍ୟରେ ଏଇ ଚନ୍ଦ୍ରର ପୃଷ୍ଠ ଭଳି ହୋଇଯିବ ।"

ନାଲୁ ପଚାରିଲା, "ଏଠି କ'ଣ ସେଠାପରି ଗଛଲତା, ପାଣି-ପବନ ସବୁ ଥିଲା ।"

ବୁଢ଼ା କହିଲେ, "ହଁ ହଁ ସବୁ ଥିଲା । ଏଠି ଲୋକେ ଥିଲେ। ରାଜାମାନେ ବି ଥିଲେ । କେତେକ ରାଜା ଗୋଟିଏ ଗୋଟିଏ ଅଞ୍ଚଳ ଶାସନ କରୁଥିଲେ । ପୃଥିବୀର ବୈଜ୍ଞାନିକମାନେ ଯେପରି ପରମାଣୁ ବୋମା ସବୁ ତିଆରି କରିଛନ୍ତି, ଏଠି ସେହିପରି ବୈଜ୍ଞାନିକମାନେ ଆପଣା ଆପଣା ଅଞ୍ଚଳର ରାଜାଙ୍କ ପାଇଁ ଧ୍ୱଂସକାରୀ ଅସ୍ତ୍ର ସବୁ ତିଆରି କରି ଭୂଇଁ ତଳେ ଲୁଚାଇ ରଖିଥିଲେ । ସବୁ ରାଜ୍ୟର ବୈଜ୍ଞାନିକ ଅନ୍ୟ ରାଜ୍ୟର ସମସ୍ତଙ୍କୁ

Digitized by srujanika@gmail.com

କପର ମୂଳପୋଛ କରାଯାଇପାରେ, ସେଥିଲାଗି ପ୍ରାଣମୂର୍ଚ୍ଛା ଗବେଷଣା କରି ଲାଗିଥିଲେ । ତେଜସ୍କ୍ରିୟ ରଶ୍ମି ଉପରେ ଗବେଷଣା ଖୁବ୍ ଜୋର୍‌ରେ ଚାଲିଥିଲା । ଜଣେ ମୂର୍ଖ ବୈଜ୍ଞାନିକ ଏପ୍ରକାର ରଶ୍ମି ସାହାଯ୍ୟରେ ଅନ୍ୟର ମାରଣାସ୍ତ୍ର ସବୁକୁ କପରି ଧ୍ୱଂସ କରାଯିବ ତାହାହିଁ ଗବେଷଣା କରୁଥିଲେ । ଯେତେ-ବେଳେ ଦୈବ ବାମ ହୁଏ, ସେତେବେଳେ ଏହିପରି ଚିନ୍ତା ମୁଣ୍ଡରେ ପଶେ । ଦିନେ ସେଇ ବୈଜ୍ଞାନିକ ଜଣକ ତାଙ୍କ କାମରେ ସଫଳତା ପାଇଲା । ଗବେଷଣା କରୁ କରୁ ସେଇ ରଶ୍ମିଟି ବାହାରିପଡ଼ିଲା । ସେଇ ରଶ୍ମି ଆଖିପିଛୁଳାକେ ଚନ୍ଦ୍ରଲୋକରେ ଥିବା ସମସ୍ତ ମାରଣାସ୍ତ୍ରକୁ ଫୁଟାଇଦେଲା । କେହି ଗୋଟିଏ ଆଉ ବଞ୍ଚିଲେ ନାହିଁ । ଘରଦ୍ୱାର, ଜଙ୍ଗଲ, ପାଣି ଓ ପବନ ସବୁ ଉଭାନ ହୋଇଗଲେ । ଆମମାନଙ୍କ ଆତ୍ମା ସବୁ ପୃଥିବୀରୁ ଆସି ସମସ୍ତଙ୍କ ଅଲକ୍ଷ୍ୟରେ ଏଠି ଚଳପ୍ରଚଳ ହେଉ-ଥିଲେ । ଚନ୍ଦ୍ରର ଏପରି ଧ୍ୱଂସର କେବଳ ଆମେ ଏଠି ସାକ୍ଷୀ ହୋଇରହିଲୁ । ଏଠି ଆମ୍ଭେମାନେ ଆଉ କେତେ ହଜାର ବର୍ଷ ରହିବାପରେ ଅନ୍ୟ ଦେବଲୋକକୁ ଚାଲିଯିବୁ । ତୁମେମାନେ ତ ଏଠି ସବୁ ଦେଖିଲ, ଶୁଣିଲ ଆଉ ଏ ଧ୍ୱଂସର କାରଣ ସବୁ ଜାଣିଗଲ । ଶୀଘ୍ର ପୃଥିବୀକୁ ଫେରିଯାଅ । ସେଇଠି ଲୋକଙ୍କୁ ଏଠା ବିଷୟ କହି ଚେତେଇଦେବ । ଆଉ ଅଧିକ ମାଙ୍କଡ଼ାମି କଲେ କେଡ଼େ ସୁନ୍ଦର ପୃଥିବୀଟି ଏଇପରି ହୋଇଯିବ । ତୁମ ପୃଥିବୀରେ କେତେଜଣ ଦୁଷ୍ଟ ରାଜନୀତିକ ଓ ବୈଜ୍ଞାନିକ ଅଛନ୍ତି । ସେମାନେ ଭାବୁଚନ୍ତି ଏଠାକୁ ସେମାନେ ମହାକାଶଯାନ ସାହାଯ୍ୟରେ ଆସି ସେମାନଙ୍କ ବିପକ୍ଷ ଶକ୍ତି ବିରୁଦ୍ଧରେ ଏହି-

Digitized by srujanika@gmail.com

ଠାରୁ ଲକ୍ଷ୍ୟ କରି ପରମାଣୁ ଅସ୍ତ୍ର ସବୁ ଫିଙ୍ଗିବେ । କାଳକ୍ରମେ ସବୁ ଶକ୍ତି ଆସି ପରସ୍ପର ବିରୁଦ୍ଧରେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବେ । ତା'ପରେ ଚନ୍ଦ୍ର ପରି ଆଉ ଗୋଟିଏ ଶୁଷ୍କ ଗ୍ରହ ସୃଷ୍ଟି ହେବ । ତୁମ୍ଭେମାନେ ଶୀଘ୍ର ଯାଇ ଏଇ ସବୁ ବୈଜ୍ଞାନିକ ମାନଙ୍କୁ ଏଠା ଅବସ୍ଥା କହି ସତର୍କ କରାଇଦିଅ । ଯାଅ ଶୀଘ୍ର ଯାଅ—ଆଉ ଡେରି କରନାହିଁ ।"

ବ୍ରହ୍ମର୍ଷି ଓ ନାଲୁ ସଙ୍ଗେ ସଙ୍ଗେ ସେଇ ନିରାପତ୍ତା ବଳୟରେ ଘୋଡ଼େଇ ହୋଇ ପୃଥିବୀ ଆଡ଼େ ଛୁଟି ଆସିଲେ । ଗୃହକୁ ଗୃହକୁ ସେମାନେ ଆସି ହିମାଳୟରେ ଥିବା ମହର୍ଷିଙ୍କ ଗୁହା ନିକଟରେ ପହଞ୍ଚିଗଲେ ସେଠାରେ ମହର୍ଷିଙ୍କ ଶିଷ୍ୟ ଜଣକ ତାଙ୍କୁ ଅପେକ୍ଷା କରି ରହିଥିଲେ । ଆଉ ଗୁହା ଭିତରେ ନରହି ବୈଜ୍ଞାନିକ ଓ ପରମାଣୁ ଶକ୍ତିର ଅଧିକାରୀମାନଙ୍କ ପାଖରେ ନିଜର ଅନୁଭୂତ ସବୁ କହିବାଲାଗି ବାହାରିପଡ଼ିଲେ ।

ନାଲୁର ବୋଉ ଆସି ଦେଖନ୍ତି ତ ପଢ଼ାଘରେ ନାଲୁ ଘୋର ନିଦରେ ଶୋଇଛି । ସେ କେବେହେଲେ ଏତେ ଡେରିଯାଏ ଶୋଇ ରହେନାହିଁ । କାହିଁକି ଏତେବେଳଯାଏ ଶୋଇଛି । ଏହା ଜାଣିବା ଲାଗି ମଶାରିଟେକି ତା' ଦେହରେ ହାତ ମାରିଲେ । ନାଲୁର ନିଦ ଭାଙ୍ଗିଗଲା । ସେ ଚଟାପଟ୍ ଉଠିପଡ଼ି ବିଳ-ବିଳେଇଲା, "ଓଃ, କି ଅଜବ ସ୍ୱପ୍ନଟାଏ !

———

Digitized by srujanika@gmail.com